**Dharitri, Bhubaneshwar, Aug 29 2008**

# ଟିସିଏସ୍ ଆଇଟି ଓ୍ୱିଜ୍ ୬ରେ

ଭୁବନେଶ୍ୱର, 2୮-୮- ଦେଶର ଅନ୍ୟତମ ଅଗ୍ରଣୀ ଆଇଟି କମ୍ପାନୀ ଟାଟା କନ୍ସଲଟାନ୍ସି ସର୍ଭିସ୍ (ଟିସିଏସ୍) ପକ୍ଷରୁ ସ୍କୁଲସ୍ତରରେ ଆୟୋଜନ କରାଯାଉଥିବା ଟିସିଏସ୍ ଆଇଟି ଓ୍ୱିଜର 200୮ ସଂସ୍କରଣ ଦେଶବ୍ୟାପୀ ଆରମ୍ଭ ହୋଇଛି । ତେବେ ସେପ୍ଟେମ୍ବର ୬ ତାରିଖରେ ଏହି କ୍ୱିଜ୍ ଭୁବନେଶ୍ୱରଠାରେ ଆୟୋଜନ ହେବ ବୋଲି ଧାର୍ଯ୍ୟ କରାଯାଇଛି । ଏହି କ୍ୱିଜ୍‌ର 10ମ ସଂସ୍କରଣରେ 12ଟି ସହରର ସ୍କୁଲ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହା ବାଙ୍ଗାଲୋରଠାରେ ଗତ ୮ ତାରିଖରେ ଆରମ୍ଭ ହୋଇଛି । କ୍ୱିଜର ଅନ୍ତିମ ପର୍ଯ୍ୟାୟ ନଭେମ୍ବରରେ ଅହମ୍ମଦାବାଦଠାରେ ଶେଷ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏଥିରେ ମାଡ୍ରାସ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ, କୋଚି, କଲିକତା, ଲକ୍ଷ୍ନୌ ଏବଂ ପୁଣେ ଆଦି ସହର ଅଂଶଗ୍ରହଣ କରୁଛନ୍ତି । ଏହି କ୍ୱିଜରେ ପ୍ରାୟ 15,000 ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାର ଆଶା କରାଯାଉଛି ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ । 10ମ ସଂସ୍କରଣର ପୂର୍ତ୍ତି ଅବସରରେ କମ୍ପାନୀର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଏସ. ରାମଦୋରାଇ www.tcsitwiz.com ନାମରେ ଏକ ୱେବ୍‌ସାଇଟର ଶୁଭାରମ୍ଭ କରିଛି ।